Akashvani, Sambalpur

SAMBALPURI NEWS EVENING BULLETIN

3 November 2026-7.02- 7.12 pm.

୧- ଓଡ଼ିଶା - ସ୍ୱଚ୍ଛ ଶକ୍ତି କ୍ଷେତ୍ରଥି ପୂର୍ବ ଭାରତ୍ ନ ଆକର୍ଷଣୀୟ କେନ୍ଦ୍ର ପାଲ୍ଟିଛେ କହେଲେ ମୁଖ୍ୟମନ୍ତ୍ରୀ ।

- ଭାରତ୍ ଅକ୍ଷୟଶକ୍ତି ସମ୍ମିଳନୀ-୨୦୨୬ ଥି ୧୮ ଟା ବୁଝାମଣାପତ୍ର ସାଙ୍ଗେ ଓଡ଼ିଶାକେ ମିଲ୍ଲା ୧ ଲାଖ୍ ୧୭ ହଜାର୍ କୋଟି ନୁ ଅଏତ୍କା ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ।

୨- ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ନ ସ୍ଥଲ୍ଭାଗ୍ ଛୁଇଁଲା ଉତ୍ରୁ ଦୁର୍ବଲ୍ ହେଲା ବାତ୍ୟା ମୁରାସୁ- ଓଡ଼ିଶା ଉପ୍ରେ ନାଇଁ ପଡ଼ି ବେଶୀ ପ୍ରଭାବ୍ ।

- ଗଞ୍ଜାମ୍ ଜିଲ୍ଲା ନ ବାତ୍ୟା ଅର୍ଣ୍ତବ୍ର କ୍ଷୟକ୍ଷତି ଆକଲନ୍ କଲେ କେନ୍ଦ୍ରୀୟ ଟିମ୍ ।

ଆଉର୍

୩- କୋଟିଆ ଓଡ଼ିଶାର୍ ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଆଉ ଇତାକେ କେହି ଅଲ୍ଗା କରି ନାଇଁପାରନ୍ କହେଲେ ରାଜସ୍ୱ ମନ୍ତ୍ରୀ ।

ଅକ୍ଷୟଶକ୍ତି ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସ୍ୱଚ୍ଛ ଶକ୍ତି କ୍ଷେତ୍ରଥି ପୂର୍ବ ଭାରତ ନ ଆକର୍ଷଣୀୟ କେନ୍ଦ୍ର ପାଲ୍‌ଟିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ନ ଚାଲିଥିବା ଭାରତ ଅକ୍ଷୟଶକ୍ତି ସମ୍ମିଳନୀ ଆଉ ପ୍ରଦର୍ଶନୀ -୨୦୨୬ ଅବ୍‌ସରେ ଓଡ଼ିଶାର ଅକ୍ଷୟଶକ୍ତି କ୍ଷେତ୍ରଥି ନିବେଶ୍ ସୁଯୋଗ୍ ବିଷୟବସ୍ତୁ ଉପ୍‌ରେ ହେଇଥିବା ଅଧିବେଶନ୍‌ଥି ସମ୍ବୋଧନ୍ କରିକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବିକଶିତ ଭାରତ ୨୦୪୭କେ ନେଇକରି ରାଜ୍ୟର୍ ଦୀର୍ଘକାଳୀନ ଲକ୍ଷ୍ୟ ଉପସ୍ଥାପନ୍ କରିଛନ୍ । ସେ ଆହୁରି କହିଛନ୍, ଓଡ଼ିଶାକେ ଗୁଟେ ଆଗ୍‌ଧାଡ଼ିର୍ ସ୍ୱଚ୍ଛ ଶକ୍ତି କେନ୍ଦ୍ର ଭାବେ ଗଢ଼୍‌ବାର୍, ଭାରତ୍‌ର ଶ୍ରେଷ୍ଠ ୫ ଟା ବିଦ୍ୟୁତ୍ ରପ୍ତାନୀକାରୀ ରାଜ୍ୟ ଭିତ୍‌ରେ ସ୍ଥାନିତ୍ କର୍‌ବାର୍ ଆଉ ପୂର୍ବ ଭାରତ ଲାଗି ଶକ୍ତିର୍ ଗୁଟେ ମୁଖ୍ୟ ଉସ୍ସ ବନାଯିବା । ଅକ୍ଷୟଶକ୍ତି କ୍ଷେତ୍ରଥି ନିବେଶ୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ସ୍ଥିର ଆଉ ସୁନିଶ୍ଚିତ୍ ନୀତି, ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପର୍ ଅନୁମୋଦନ୍ ଆଉ

ବର୍କସ୍ ବିଦ୍ୟୁତ୍ ପରିବହନ୍ ଭିତିଭୂମି ଯୁଗେଇ ଦେବାର୍କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମ୍ମିଲନୀଥି ପାଖାପାଖି ୧ ଲାଖ୍ ୧୭ ହଜାର୍ ୫ ଶହ କୋଟି ଟଙ୍କାର୍ ନିବେଶ୍ ପ୍ରସ୍ତାବ୍ ଆଉ ୧୧ ହଜାର୍ ୭ ଶହ ୪୨ ମେଗାୱାଟ୍ର ଅଏତ୍କା କ୍ଷମତା ତିଆର୍ କର୍ବାର୍ ଲାଗି ୧୮ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଓଡ଼ିଶା ଆଉ ନେଦର୍ଲାଣ୍ଡ୍ ପାଭିଲିଅନ୍କେ ଉଦ୍ଘାଟନ୍ କରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ବାତ୍ୟା ମୁରାସୁ ଆଏଜ୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ନ ସ୍ଥଲ୍ଭାଗ୍ ଛୁଇଁଲା ଉତ୍ରୁ ଦୁର୍ବଲ୍ ହେଇକରି ଅତି ଭୀଷଣ୍ ବାତ୍ୟାନୁ ବାତ୍ୟାର୍ ରୂପ୍ ନେଇଛେ । ବାତ୍ୟା ଏଛ୍ନି ଘଂଟାକ ୭ କିଲୋମିଟର୍ ବେଗଥି ଆନ୍ଧ୍ରପ୍ରଦେଶ୍ର

ଦକ୍ଷିଣ ଉପକୂଳ ନୁ ଉତର୍ - ଉତର୍ ପଶ୍ଚିମ ଦିଗ୍‌କେ ଗତି କରୁଛେ । ଇ ସମିଆଥି ପବନ୍‌ର ବେଗ ୮୦ ନୁ ୯୦ କିଲୋମିଟର୍‌ତକ୍ ରହିଛେ । ଝଟ୍‌କା ପବନ୍‌ର ବେଗ ଶହେ କିଲୋମିଟର୍ ରହିଛେ । ଆଜିରାତିତକ୍ ବାତ୍ୟା ଦୁର୍ବଲ୍ ହେଇକରି ଗଭୀର ଅବପାତଥି ବଦ୍‌ଲିପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବାତ୍ୟା ପ୍ରଭାବ୍‌ଥି ଦକ୍ଷିଣ୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ପବନ୍ ଆର୍ ବର୍ଷା ହେଉଛେ । ଖାସ୍‌କରି ରାୟଗଡ଼ା, କୋରାପୁଟ୍, ମାଲ୍‌କାନ୍‌ଗିରି, ଗଞ୍ଜାମ୍, ଗଜପତି ଜିଲ୍ଲା ନ ବର୍ଷା ହଉଛେ ।

ବାତ୍ୟା ପ୍ରସ୍ତୁତି ଆଇ.ଆଣ୍ଡ୍.ପି.ଆର୍

ବାତ୍ୟା ଅର୍ଣ୍ତବ୍ ଲାଗି ହେଇଥିବା ବନ୍ୟା ଆଉ ଇଥି ପ୍ରଭାବିତ୍ ହେଇଥିବା ଗଞ୍ଜାମ୍, ଗଜପତି, କନ୍ଧମାଲ୍ ଜିଲ୍ଲାର୍ ନୁକ୍‌ସାନ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ନ ଆଏଜ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ସମୀକ୍ଷା କରିଛନ୍ । ବାତ୍ୟା ମୁରାସୁକେ ନେଇକରି ଭିଲ୍ ପ୍ରସ୍ତୁତି ବାବ୍‌ଦେ ମନ୍ତ୍ରୀ ଶ୍ରୀ

ପୂଜାରୀ ସମୀକ୍ଷା କରିକରି କହିଛନ୍, ବାତ୍ୟା ପ୍ରଭାବ୍ଥି ଓଡ଼ିଶାର୍ କେନ୍ସି ଜିଲ୍ଲା ବିଶେଷ୍ ଭାବେ ପ୍ରଭାବିତ୍ ନାଇଁ ହେଇ । ଏଚ୍ଛେନିର୍ ସମିଆଥି ସବୁ ପରିସ୍ଥିତିର୍ ମୁକାବିଲା ଲାଗି ସର୍କାର୍ ପ୍ରସ୍ତୁତ୍ ଅଛନ୍ । ପ୍ରଭାବିତ୍ ୫ ଟା ଜିଲ୍ଲା ନ ଏବ୍ତକ୍ ୧ ଲାଖ୍ ୬୫ ହଜାର୍ ୮ ଶହ ୯ ଝନ୍କୁ ୫ ଶହ ୯୨ ଟା ଆଶ୍ରୟସ୍ଥଲୀକେ ସ୍ଥାନାନ୍ତର୍ କରାଯାଇଛେ । ଇ ଜିଲ୍ଲାମାନ୍କେ ୪ ଝନ୍ ପ୍ରଶାସନିକ୍ ଅଧିକାରୀଙ୍କୁ ଅତିରିକ୍ତ ଏସ୍ଆର୍ସି ଭାବେ ସ୍ୱତନ୍ତ୍ର କ୍ଷମତା ଦିଆଯାଇକରି ନିଯୁକ୍ତି କରାଯାଇଛେ । ରିଲିଫ୍ ଆଉ ଉଦ୍ଧାର୍ କାମ୍ ଲାଗି ୫୪ ଟା ଓଡିଆର୍ଏଫ୍, ୯ ଟା ଏନ୍ଡିଆର୍ଏଫ୍ ଆଉ ଶହେ ନୁ ଅଏତ୍କା ଅଗ୍ନିଶମ ସେବା କର୍ମଚାରୀ ନିୟୋଜିତ୍ ଅଛନ୍ । ଅର୍ଣ୍ତବ୍ ପ୍ରଭାବିତ୍ ଇଲାକାମାନ୍କେ ପୁନରୁଦ୍ଧାର୍ କାମ୍ ଯୁଦ୍ଧକାଲୀନ୍ ଭିତିଥି ଚାଲିଛେ । ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ । ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ରାଜସ୍ୱ ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ

ଡକ୍ଟର୍ ସୁଧାଂଶୁ ଷଡ଼ଙ୍ଗୀ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କେନ୍ଦ୍ରୀୟ ଟିମ୍ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାତ୍ୟା ଅର୍ଣ୍ଣବ୍ ଓ ତାର୍ ଉତ୍‌ରୁ ବନ୍ୟାଥି ସବୁନୁ ଜହ ନୁକ୍‌ସାନ୍ ହେଇଥିବା ଗଞ୍ଜାମ୍ ଜିଲ୍ଲାର୍ ସ୍ଥିତି ଆକଲନ୍ ଲାଗି ଆଏଜ୍ ୮ ଝନିଆ ଆନ୍ତଃମନ୍ତ୍ରଣାଲୟ କେନ୍ଦ୍ରୀୟ ଟିମ୍ ଆଇ.ଏମ୍.ସି.ଟି. ଗଞ୍ଜାମ୍ ନ ପହଁଚିଛନ୍ । କେନ୍ଦ୍ର ଗୃହ ମନ୍ତ୍ରଣାଲୟର୍ ଯୁଗ୍ମ ସଚିବ ରବି ଶଙ୍କର୍‌ଙ୍କର୍ ନେତୃତ୍ୱଥି ଇ କେନ୍ଦ୍ରୀୟ ଟିମ୍ କ୍ଷେତ୍ର ସ୍ଥଲ୍ ନ ବାତ୍ୟା ଆଉ ବନ୍ୟା କ୍ଷୟକ୍ଷତିର ସ୍ଥିତି ଅନୁଧାନ୍ କର୍‌ବାର୍ ସହେତେ କୃଷି, ରାସ୍ତା, ବିଦ୍ୟୁତ୍, ଜଲ୍‌ସମ୍ପଦ୍ ଆଉ ଅଲ୍‌ଗା କ୍ଷେତ୍ରର୍ କ୍ଷତି ଆକଲନ୍ କରୁଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

କୋଟିଆ- ରାଜସ୍ୱମନ୍ତ୍ରୀ ଏକ୍ସ

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଆଉ ଇତାକେ କେହି ଅଲ୍‌ଗା କରି ନାଇଁପାରନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । କୋଟିଆ ନ ଆନ୍ଧ୍ରପ୍ରଦେଶ୍ ତରଫୁ ପଂଚାୟତ୍ ନିର୍ବାଚନ୍ ପ୍ରକ୍ରିୟାକେ ନେଇକରି ଆଏଜ୍ ଅସ୍ୱାଭାବିକ୍ ପରିସ୍ଥିତି ଦେଖାଦେବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, କୋଟିଆ ବିବାଦ୍‌କେ ନେଇକରି ଓଡ଼ିଶା ସରକାର୍- ସୁପ୍ରିମ୍‌କୋର୍ଟ ନ ଫେର୍‌ଘାଏ ଆବେଦନ୍ କରିଛନ୍ । ଏଛ୍‌ନିକା ମାମ୍‌ଲା ଅଦାଲତ୍ ନ ବିଚାରାଧୀନ୍ ରହିଛେ । ଇ ସମିଆଥି ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍‌କେ ନାଇଁ ମାନିକରି ପଡ଼ୋଶୀ ରାଜ୍ୟ- କୋଟିଆ ନ ନିର୍ବାଚନ୍ କରିକରି ସାମ୍ବିଧାନିକ୍ ସଙ୍କଟ୍ ସୃଷ୍ଟି କରୁଛେ । କୋଟିଆ ପ୍ରସଙ୍ଗକେ ନେଇକରି ସବୁ ଦଲର୍ ନେତା ଏକ୍‌ଜୁଟ୍ ଅଛନ୍ । ଇଟା ଆମର୍ ଲାଗି ଗୁଟେ ଶୁଭଙ୍କର୍ ବିଷେ ଆଏ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ମହକ୍ ଉତ୍ସବ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆଉ ମହିଳା ଶିଶୁ ବିକାଶ ବିଭାଗ ତରଫୁ ଛୁଆମାନ୍‌କର୍ ଭିତ୍‌ରେ ଥିବା କଳା, ଦକ୍ଷତା, ଆତ୍ମବିଶ୍ୱାସ ଆଉ କ୍ରୀଡ଼ା କୌଶଲ୍‌କେ ଜାତୀୟ, ଅନ୍ତର୍ଜାତୀୟସ୍ତରଥି ଲୋକପ୍ରିୟ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ରାଜ୍ୟସ୍ତରୀୟ ମହକ୍ ଆଉ ଉତ୍ସାହ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ ଉଦ୍‌ଘାଟନ୍ କରିଛନ୍ ।

ପ୍ରତିଯୋଗୀମାନ୍‌କୁ ଗୁଟେ ସକ୍ଷମ୍ ଆଉ ସ୍ୱାବଲମ୍ବୀ ନାଗରିକ୍ କର୍‌ବାର୍ ଲାଗି ଇ କାର୍ଯ୍ୟକ୍ରମ୍ ସହାୟକ୍ ହେବା ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଆଏବା ୭ ତାରିଖ୍ ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ଭିତ୍‌ରେ ନାଚ୍, ଗୀତ୍, ଚିତ୍ରକଳା, ବିତର୍କ ଆଉ କୁଇଜ୍ ବାଗିର୍ ଭିନ୍ ଭିନ କାର୍ଯ୍ୟକ୍ରମ୍ ହେବା । ଆଘୋନୁ ହେଇଥିବା ସବୁ ଜିଲ୍ଲାସ୍ତରୀୟ ଉତ୍ସବ୍‌ଥି ଜିତିଥିବା ପ୍ରତିଯୋଗୀମାନେ ଇ ରାଜ୍ୟସ୍ତରୀୟ ମହକ ଉତ୍ସବ୍‌ଥି ଯୋଗ୍ ଦେଇକରି ନିଜର୍ ପ୍ରତଭା ପ୍ରଦର୍ଶନ୍ କରୁଛନ୍ ।

ସେନ୍ତା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଆଏଜ୍ ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ୍‌ର ୧୬ ନମ୍ବର୍ ପ୍ରତିଷ୍ଠା ଦିବସ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସମଲେଇ ପ୍ରକଳ୍ପ- ଜିଲ୍ଲାପାଳ୍ ସମୀକ୍ଷା ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁରର୍ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କର୍ ପୀଠର ସାମଗ୍ରିକ୍ ବିକାଶ୍ ଲାଗି କାର୍ଯ୍ୟକାରୀ ହେଇଥିବା ସମଲେଇ ପ୍ରକଳ୍ପର୍ ୨ ନମ୍ବର୍ ଖେପ୍ ନିର୍ମାଣ୍ କାମ୍ ଅଗ୍ରଗତି ବାବ୍‌ଦେ ଆଏଜ୍ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ସମୀକ୍ଷା କରିଛନ୍ । ବରିଷ୍ଠ ଅଧିକାରୀମାନ୍‌କର୍ ସଙ୍ଗେ ଜିଲ୍ଲାପାଳ୍- କ୍ଷେତ୍ରସ୍ତରର୍ ରିପୋର୍ଟ ଜରିଏ ଚାଲିଥିବା ସବୁ କାମ୍‌ର ସ୍ଥିତିର ଅନୁଧାନ୍ କରିଛନ୍ ।

ଯୁବ ନେତୃତ୍ୱ ବିତର୍କ ସମ୍ବଲପୁର ସମ୍ବାଦଦାତା

ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ବିତର୍କ - ୨୦୨୭ଥି ଆଏବା କାଏଲ୍‌ଠାନୁ ଜିଲ୍ଲା ନ ଜିଲ୍ଲାସ୍ତରୀୟ ସାଂସ୍କୃତିକ୍ ପ୍ରତିଯୋଗିତା ମୁଲ୍ ହେବା । ଇ ପ୍ରତିଯୋଗିତା ସହରର୍ ତପସ୍ୱିନୀ ହଲ୍ ଠାନେ କରାଯିବା । ଇଥି ଲୋକନୃତ୍ୟ, ଲୋକଗୀତ, ଚିତ୍ରାଙ୍କନ ପଥପ୍ରାନ୍ତ ନାଟକ, କବିତା ଲିଖନ ବାଗିର୍ ପ୍ରତିଯୋଗିତା ହେବା ।

ଗଞ୍ଜେଇ ଚାଷ- ନଷ୍ଟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବେଆଇନ୍ ଗଞ୍ଜେଇ ଚାଷ୍ କାର୍‌ବାର୍‌କେ ରୋକ୍ ଲଗାବାର୍ ଲାଗି ଜିଲ୍ଲା ଆଉ ପୁଲିସ୍ ପ୍ରଶାସନ୍ ତର୍‌ଫୁ ନିଶାମୁକ୍ତ ବୌଦ୍ଧ ଅଭିଯାନ୍ ଚାଲିଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଉ ଆରକ୍ଷୀ ଅଧିକ୍ଷକ୍ କୁଲ୍‌ଦୀପ୍ ମୀନା ଅଭିଯାନ୍‌ଥି ସାମିଲ୍ ହେଇକରି ଗଞ୍ଜେଇ ଚାଷ୍ ନଷ୍ଟ କରିଛନ୍ ।

ବାଉଁଶୁଣି ଥାନା ଉଡୁବିଲିକା ଜଙ୍ଗଲ୍ ଇଲାକା ନ ଆଏଜ୍ ଜିଲ୍ଲାପାଲ୍ ଆଉ ଏସ୍.ପି.ଙ୍କର୍ ନେତୃତ୍ୱଥି ଗଞ୍ଜେଇ ଚାଷ୍ ନଷ୍ଟ କରାଯାଇଥିଲା । ବେଆଇନ୍ ଗଞ୍ଜେଇ ଚାଷ୍ କରିଥିବା ଲୁକ୍କର୍ ବିରୋଧ୍ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସୂଚ୍ନା ଦିଆଯାଇଛେ ।

ନୂଆପଡ଼ା ଅଭୟାରଣ୍ୟ ଆର୍ଏନ୍ୟୁ/ ସମ୍ବଲପୁର

ନୂଆପଡ଼ାର ସୁନାବେଡ଼ା ଆଉ ଗୋଧଶ୍ ଅଭୟାରଣ୍ୟକେ ଆଏଜ୍ ପ୍ରଧାନ୍ ମୁଖ୍ୟ ବନ ସଂରକ୍ଷକ- ପିସିସିଏଫ୍ ଆଉ ଆଂଚଲିକ୍ ମୁଖ୍ୟ ବନ ସଂରକ୍ଷକ- ଆର୍ସିସିଏଫ୍ ପରିଦର୍ଶନ୍ କରିଛନ୍ । ଅଭୟାରଣ୍ୟ ନ ଭିନ୍ ଭିନ୍ ଉନ୍ନୟନ୍ କାମ୍ ଆଉ ଦର୍କାରୀ ଭିତିଭୂମିର ବିକାଶ୍ ସହେତେ ବନ୍ୟପ୍ରାଣୀଙ୍କର୍ ସୁରକ୍ଷା ଲାଗି ଦର୍କାରୀ ପଦକ୍ଷେପ୍ ନେବାର୍କେ ଇ ଅବ୍ସରେ ଆଲୋଚନା ହେଇଛେ । ପରିଦର୍ଶନ୍ ସମିଆଥି ଜିଲ୍ଲାପାଲ୍ ଅନ୍ୟା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ, ସୁନାବେଡ଼ା ଅଭୟାରଣ୍ୟ

ବନଖଣ୍ଡ ଅଧିକାରୀ ଆଉ ଖଡ଼ିଆଳ ବନଖଣ୍ଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁ ଶ୍ରମମୁକ୍ତ ଜିଲ୍ଲା ଗଠନ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଶ୍ରମ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଗଠନ୍ ଲାଗି ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟନୁ ବାହାରିଥିବା ସଚେତନତା ରଥକେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଛନ୍ । ଇ ରଥ ସହର୍ ପରିକ୍ରମା କର୍‌ବାର୍ ସହେତେ ୩ ଟା ବ୍ଲକ୍‌ର ସବୁ ପଂଚାୟତ୍‌କେ ଯାଇକରି ଶିଶୁ ଶ୍ରମିକ ବିରୋଧିଥି ଲୁକ୍‌କୁ ସଚେତନ୍ କର୍‌ବା ।

ସୁରଭି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ - ସୁରଭି ଆଏଜ୍ ସହରର୍ ମାହାରାଜା ଉଚ୍ଚ ବିଦ୍ୟାଳୟ ପରିସର୍ ନ ପାଲିତ୍

ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ୍ ମେହେର୍ଙ୍କର୍ ସଭାପତିତ୍ୱଥି ହେଇଥିବା ଉତ୍ସବ୍‌ଥି ଜିଲ୍ଲାପାଲ୍ ଦେବାଶିଷ୍ ସିଂ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ଶିଶୁ ପ୍ରତିଭାମାନ୍‌କୁ ପୁରସ୍କୃତ୍ କରିଥିଲେ ।